# NATIONAL NEWS BULLETIN (ODIA)
## 8 May - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ସ୍ୱାଧୀନତା ପରଠାରୁ ପ୍ରଥମଥର ଲାଗି ପଶ୍ଚିମବଙ୍ଗରେ ଆସନ୍ତାକାଲି ସରକାର ଗଠନ କରିବ ବିଜେପି ।

– ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେବେ ଶୁଭେନ୍ଦୁ ଅଧିକାରୀ ।

- ପଶ୍ଚିମବଙ୍ଗର ସାମଗ୍ରୀକ ବିକାଶ ସହିତ ଆଇନ୍ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ଦିଗରେ ବିଜେପି ପ୍ରତିଶ୍ରୁତିବଦ୍ଧ କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

- ତାମିଲନାଡୁରେ ସରକାର ଗଠନ ଲାଗି ଜାରି ରହିଛି ଅନିଶ୍ଚିତତା ।

– କଂଗ୍ରେସ ପରେ ଟି.ଭି.କେ.କୁ ସମର୍ଥନ ଜଣାଇଲେ ସି.ପି.ଆଇ. ଓ ସି.ପି.ଏମ୍. ।

- ଦେଶର ସୁରକ୍ଷା ବ୍ୟବସ୍ଥା ସୀମା ରକ୍ଷା ସମେତ ସମଗ୍ର ସମାଜ ଲାଗି ଉଦ୍ଦିଷ୍ଟ ବୋଲି ପ୍ରତିରକ୍ଷା ମନ୍ତ୍ରୀଙ୍କ ମତବ୍ୟକ୍ତ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜିର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ କୋଲକାତା ନାଇଟ୍‌ରାଇଡର୍ସ୍‌ର ନିଷ୍ପତ୍ତି ।

## ଡବ୍ଲ୍ୟୁବି-ଅମିତ ଶାହା

ପଶ୍ଚିମବଙ୍ଗରେ ବିଜେପି ସଂସଦୀୟ ଦଳ ନେତା ଭାବେ ଶୁଭେନ୍ଦୁ ଅଧିକାରୀ ନିର୍ବାଚିତ ହୋଇଛନ୍ତି । ଏଥିସହିତ ସେ ରାଜ୍ୟର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ହେବାର ପଥ ପରିଷ୍କାର ହୋଇଛି । ଆସନ୍ତାକାଲି କୋଲକାତାର ବ୍ରିଗେଡ୍ ପ୍ୟାରେଡ୍ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ସମାରୋହରେ ନୂତନ ମନ୍ତ୍ରିମଣ୍ଡଳର ଶପଥ ନେବାର କାର୍ଯ୍ୟସୂଚୀ ରହିଛି । ସ୍ୱାଧୀନତା ପରଠାରୁ ପଶ୍ଚିମବଙ୍ଗରେ ବିଜେପି ଆସନ୍ତାକାଲି ପ୍ରଥମଥର ଲାଗି ସରକାର ଗଠନ କରିବ ଏହି ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ କେନ୍ଦ୍ର ମନ୍ତ୍ରିମଣ୍ଡଳର ଅନେକ ସଦସ୍ୟ ତଥା ବିଜେପି ଓ ଏନ୍.ଡି.ଏ. ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ଯୋଗଦେବେ ।

ଆଜି କୋଲକାତାଠାରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ରୂପେ ଯୋଗ ଦୋଇଥିବା ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କର ଉପସ୍ଥିତିରେ ଅନୁଷ୍ଠିତ ସଂସଦୀୟ ଦଳ ବୈଠକରେ ବିଧାୟକମାନେ ଶୁଭେନ୍ଦୁ ଅଧିକାରୀଙ୍କୁ ଦଳର ନେତା ଭାବେ ମନୋନୀତ କରିଥିଲେ । ଏ

ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଶାହା କହିଛନ୍ତି **–VO-1-AMIT-SHAH**

ଆଜିର ଏହି ସଂସଦୀୟ ଦଳ ବୈଠକରେ ବିଜେପି ନେତା ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ରୀୟ ସହ-ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ । ବୈଠକ ପରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ମାଝୀ କହିଛନ୍ତି **–VO- 2--MOHAN-CHARAN-MANJHI**

# ପଶ୍ଚିମବଙ୍ଗ

ପଶ୍ଚିମବଙ୍ଗର ସୀମା ଏଣିକି ସୁରକ୍ଷିତ ରହିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମତବ୍ୟକ୍ତ କରିଛନ୍ତି । ଆଜି କୋଲକାତାଠାରେ ବିଜେପି ସଂସଦୀୟ ଦଳ ବୈଠକରେ ଶୁଭେନ୍ଦୁ ଅଧିକାରୀ ନେତା ଭାବେ ନିର୍ବାଚନ ହେବା ପରେ ଆୟୋଜିତ ଏକ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ଶାହା କହିଛନ୍ତି, ପଶ୍ଚିମବଙ୍ଗରେ ବିଜେପିର ଯାତ୍ରା ସଂଘର୍ଷପୂର୍ଣ୍ଣ ହୋଇଥିଲେ ମଧ୍ୟ ଏହା ଆନନ୍ଦଦାୟକ ।

ପଶ୍ଚିମବଙ୍ଗରେ ଆଜିର ବିଜୟ ବିଭିନ୍ନ ଦିଗରୁ ଉଲ୍ଲେଖନୀୟ ବୋଲି ଅଭିହିତ କରି ଶ୍ରୀ ଶାହା କହିଛନ୍ତି, ୧୯୫୦ ମସିହାରେ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଆଦର୍ଶଗତ ଯାତ୍ରାର ଅନେକ

ବର୍ଷର ସଂଘର୍ଷ ପରେ ଭାରତୀୟ ଜନତା ପାର୍ଟି ବର୍ତ୍ତମାନ ଗଙ୍ଗୋତ୍ରୀରୁ ଗଙ୍ଗାସାଗର ପର୍ଯ୍ୟନ୍ତ ନିଜ ସରକାର ଗଠନ କରିବାରେ ସଫଳ ହୋଇଛି । ପଶ୍ଚିମବଙ୍ଗର ସାମଗ୍ରୀକ ବିକାଶ ସହିତ ଆଇନ୍ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ଦିଗରେ ବିଜେପି ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି । ଶ୍ରୀ ଶାହା ସୋନାର୍ ବାଂଲା ଗଠନ ବିଜେପିର ଲକ୍ଷ୍ୟ ଓ ସଂକଳ୍ପ ବୋଲି କହିବା ସହିତ ଏହାର ସଂସ୍କୃତି ଓ ପରମ୍ପରା ଏବେ ବିଦେଶୀ ପ୍ରଭାବରୁ ମୁକ୍ତ ହୋଇଛି ବୋଲି ମତବ୍ୟକ୍ତ କରିଛନ୍ତି ।

ଏହି ସମାରୋହରେ ଉଦ୍‌ବୋଧନ ଦେଇ ଶୁଭେନ୍ଦୁ ଅଧିକାରୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କର ମୂଳ ମନ୍ତ୍ର 'ସବ୍ କା ସାଥ୍, ସବ୍ କା ବିକାଶ ଓ ସବ୍ କା କଲ୍ୟାଣ' ଆଧାରରେ ବିଜେପି ରାଜ୍ୟରେ ଜନକଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରୀ କରିବ । ରାଜ୍ୟରେ ବିଜେପିର ଏହି ସଫଳ ଯାତ୍ରା ଲାଗି ବଳିଦାନ ଦେଇଥିବା ଦଳର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ପ୍ରତି ସେ ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ତାମିଲନାଡୁ

ତାମିଲନାଡୁରେ ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନରେ ଏକକ ସର୍ବବୃହତ ଦଳ ଭାବେ ଟି.ଭି.କେ. ରାଜ୍ୟରେ ସରକାର ଗଠନ ଲାଗି

ସି.ପି.ଆଇ., ସି.ପି.ଏମ୍. ଏବଂ ଭି.ସି.କେ. ଦଳ ନିକଟରୁ ସମର୍ଥନ ଲୋଡ଼ିଛି । ସି.ପି.ଆଇ. ଏବଂ ସି.ପି.ଏମ୍. ପ୍ରତ୍ୟେକଙ୍କ ନିକଟରେ ୨ ଜଣ ଲେଖାଏଁ ବିଧାୟକ ଅଛନ୍ତି । ଆଜି ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ପରେ  ଏହି ଦୁଇ ଦଳ ରାଜ୍ୟରେ ସରକାର ଗଠନ କରିବା ଲାଗି ଟି.ଭି.କେ.କୁ ନିସର୍ତ୍ତ ସମର୍ଥନ ଦେବେ ବୋଲି ଘୋଷଣା କରିଛନ୍ତି । କଂଗ୍ରେସ ୫ ଜଣ ବିଧାୟକଙ୍କ ସହିତ ଟି.ଭି.କେ.କୁ ସମର୍ଥନ ଦେବ ବୋଲି ପୂର୍ବରୁ ଘୋଷଣା କରିସାରିଛି ।

ଅନ୍ୟ ପକ୍ଷରେ ଭି.ସି.କେ. ଆଜି କିମ୍ବା ଆସନ୍ତାକାଲି ନିଜର ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିବାର ସମ୍ଭାବନା ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ଚଳିତ ବିଧାନସଭା ନିର୍ବାଚନରେ ମିଳିଥିବା ଜନାଦେଶକୁ ବିଜେପି ଆନନ୍ଦର ସହ ଗ୍ରହଣ କରିଛି ବୋଲି ରାଜ୍ୟ ସଭାପତି ନାଏନାର୍ ନଗେନ୍ଦ୍ରନ୍ ସ୍ପଷ୍ଟ କରିଛନ୍ତି । ସରକାର ଗଠନ ଲାଗି ବିଜେପି ଟି.ଭି.କେ. ସହିତ କୌଣସି ଗଠବନ୍ଧନ କରିବ ନାହିଁ ବୋଲି ଶ୍ରୀ ନଗେନ୍ଦ୍ରନ୍ ଗଣମାଧ୍ୟମକୁ କହିଛନ୍ତି ।

# ରାଜନାଥ ସିଂହ-ଟିଏମ୍‌ଆର୍

ଦେଶର ସଶକ୍ତ ସୁରକ୍ଷା ବ୍ୟବସ୍ଥା କେବଳ ସୀମା ରକ୍ଷା ଲାଗି ନୁହେଁ ବରଂ ସମଗ୍ର ସମାଜ, ପରିବେଶ ଓ ନାଗରିକଙ୍କ ଲାଗି ଉଦ୍ଦିଷ୍ଟ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମତବ୍ୟକ୍ତ କରିଛନ୍ତି । ଆଜି ଭାରତୀୟ ସେନାର ତିରଙ୍ଗା ପର୍ବତ ଉଦ୍ଧାରକାରୀ ବଳ (ଟି.ଏମ୍.ଆର୍.)ର ୧୦ ବର୍ଷ ପୂର୍ତ୍ତି ଅବସରରେ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ସଶକ୍ତ ଭାରତରେ ସୀମାଗୁଡ଼ିକ ସୁରକ୍ଷିତ ରହିବା ସହିତ ସମ୍ପ୍ରଦାୟଙ୍କ ମଧ୍ୟରେ ସଦ୍‌ଭାବନା ବଜାୟ ରହିଥାଏ । ଏତଦ୍‌ବ୍ୟତୀତ ବିପର୍ଯ୍ୟୟ ସମୟରେ ପ୍ରତ୍ୟେକ ନାଗରିକଙ୍କ ଜୀବନ ମଧ୍ୟ ସୁରକ୍ଷିତ ରହିଥାଏ ବୋଲି ସେ କହିଛନ୍ତି । ହିମାଳୟ ଭଳି ଦୁର୍ଗମ ତଥା ସ୍ୱର୍ଶକାତର ଅଞ୍ଚଳରେ ଟି.ଏମ୍.ଆର୍. କେବଳ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇନଥାଏ ବରଂ ଜାତୀୟ ବିପର୍ଯ୍ୟୟ ସମୟରେ ସ୍ଥାନୀୟ ଜନତାଙ୍କର ବିଶ୍ୱାସଭାଜନ ହେବା ସହିତ ସେନାବାହିନୀକୁ ସହାୟତା କରିବାରେ ଏକ ଦୃଢ଼ ସ୍ତମ୍ଭ ଭାବେ କାର୍ଯ୍ୟ କରିଥାଏ ବୋଲି ଶ୍ରୀ ସିଂହ କହିଛନ୍ତି ।

# ଶାହା-ରିଭ୍ୟୁ ମିଟିଂ

ଦେଶରେ ସମ୍ଭାବ୍ୟ ବନ୍ୟା ଓ ଜାରି ରହିଥିବା ଗ୍ରୀଷ୍ମ ଲହରି ସ୍ଥିତିର ମୁକାବିଲାର ପ୍ରସ୍ତୁତି ସମ୍ପର୍କରେ ଆସନ୍ତା ରବିବାର ଦିନ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନୂଆଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିବେ । ନାଗରିକ କୈନ୍ଦ୍ରିକ ବିପର୍ଯ୍ୟୟ ପରିଚାଳନା ଏବଂ ଏହାକୁ ସଫଳତାର ସହ ମୁକାବିଲା କରିବା ବ୍ୟବସ୍ଥାକୁ ସଶକ୍ତ କରିବା ସହିତ ସୁ-ଶାସନ ଦିଗରେ ସରକାରଙ୍କ ପ୍ରତିବଦ୍ଧତା ଏହି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ମାଧ୍ୟମରେ ପ୍ରତିଫଳିତ ହେଉଛି ।

ଶ୍ରୀ ଶାହା ଅଗ୍ରୀମ ସତର୍କ ସୂଚନା, ବିଭିନ୍ନ କେନ୍ଦ୍ରୀୟ ସରକାରୀ ସଂସ୍ଥାଗୁଡ଼ିକର ଏ ଦିଗରେ ପ୍ରସ୍ତୁତି, ସମ୍ବଳ ମୁତୟନ ତଥା ଆନ୍ତଃ ସଂସ୍ଥା ସମନ୍ୱୟ, ଶୂନ୍ୟ ମୃତାହତ ଏବଂ ସର୍ବନିମ୍ନ ସମ୍ପତ୍ତି କ୍ଷତି ଆଦି ଉପରେ କରାଯାଇଥିବା ପ୍ରସ୍ତୁତିର ଏହି ବୈଠକରେ ସମୀକ୍ଷା କରିବେ । ଏତଦ୍‌ବ୍ୟତୀତ ଦେଶ ବ୍ୟାପି ବନ୍ୟା ପ୍ରତିହତ ଦିଗରେ ନିଆଯାଇଥିବା ଦୀର୍ଘସୂତ୍ରୀ ବ୍ୟବସ୍ଥା, ଅତ୍ୟାଧୁନିକ ବୈଜ୍ଞାନିକ ପଦ୍ଧତିରେ ପାଣିପାଗ ସମ୍ପର୍କରେ ଆଗୁଆ ସୂଚନା ଦେବାର ବ୍ୟବସ୍ଥା ସମେତ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ସୁରକ୍ଷା ସମ୍ପର୍କରେ ନିଆଯାଇଥିବା ପଦକ୍ଷେପ ଗୁଡ଼ିକର ମଧ୍ୟ ସ୍ୱରାଷ୍ଟ୍ର ମନ୍ତ୍ରୀ ଏହି ବୈଠକରେ ସମୀକ୍ଷା କରିବେ ।

## ଶିବରାଜ-ରିଭ୍ୟୁ ମିଟିଂ

ଜମି ସମ୍ପର୍କିତ ସମସ୍ତ ସେବା ଯୋଗାଇଦେବା ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଦକ୍ଷତା ବଜାୟ ରଖିବା ଉପରେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଗୁରୁତ୍ୱାରୋପ କରିଛନ୍ତି । ଆଜି ନୂଆଦିଲ୍ଲୀଠାରେ ଜମି ସମ୍ବଳ ବିଭାଗର  କାର୍ଯ୍ୟକାରିତାର ସମୀକ୍ଷା କରି ସେ ଏହା କହିଛନ୍ତି । ଏହି ଅବସରରେ ଡିଜିଟାଲ୍ ଭାରତ ଜମି ରେକର୍ଡ଼ ଆଧୁନିକରଣ କାର୍ଯ୍ୟକ୍ରମ **3.O**ର ଶ୍ରୀ ଚୌହାନ ସମୀକ୍ଷା କରି କହିଛନ୍ତି, ଏହି କାର୍ଯ୍ୟକ୍ରମ ମାଧମରେ ଜମିର ପ୍ରକୃତ ମୂଲ୍ୟ ନିରୁପଣ କରାଯାଇ ପାରିବ । ତେଣୁ ବ୍ୟାଙ୍କଗୁଡ଼ିକ ଦ୍ୱାରା ଋଣ ଯୋଗାଇଦେବା ପ୍ରକ୍ରିୟା ଅଧିକ ସୁଗମ ହୋଇପାରିବ । ଏହି ବୈଠକରେ ଶ୍ରୀ ଚୌହାନ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନା **2.O** ଅଧୀନରେ ଜଳଛାୟା ବିକାଶ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ମଧ ସମୀକ୍ଷା କରିଛନ୍ତି ।

## ସୋମନାଥ ଅମିତ ପର୍ବ

ଗୁଜରାଟର ସୋମନାଥ ମନ୍ଦିରର ପୁନରୁଦ୍ଧାରର ୭୫ତମ ବର୍ଷ ପୂର୍ତ୍ତିକୁ ସୋମନାଥ ଅମ୍ରିତ ପର୍ବ ଭାବେ ପାଳନ କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୧ ତାରିଖ ଦିନ ଏହି ପର୍ବରେ ଅଂଶଗ୍ରହଣ

କରିବେ । ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଗୁଜରାଟର କ୍ୟାବିନେଟ୍ ମନ୍ତ୍ରୀ ଜିତୁଭାଇ ଭାଗନି କହିଛନ୍ତି, ଏହି ପର୍ବର ଅଂଶସ୍ୱରୂପ ବିଭିନ୍ନ ସ୍ଥାନରେ ଭାରତର ସମୃଦ୍ଧ ସଂସ୍କୃତିକ ଓ ଐତିହ୍ୟ ପରମ୍ପରାର ପ୍ରଦର୍ଶନ କରାଯିବ । ଏତଦ୍‌ବ୍ୟତୀତ ଏହି ପର୍ବ ପାଳନ ଅବସରରେ ଭାରତୀୟ ବାୟୁସେନା ପକ୍ଷରୁ ସୂର୍ଯ୍ୟକୀରଣ ଦଳ ପକ୍ଷରୁ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯିବ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତ୍ରିବେଣୀ ହେଲିପ୍ୟାଡ୍‌ରୁ ବୀର୍ ହାମିର୍‌ଜି ଗୋହିଲ୍ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିଲୋମିଟର ଦୀର୍ଘ ରାସ୍ତାରେ ମେଗା ରୋଡ୍ ଶୋ' କରିବାର କାର୍ଯ୍ୟସୂଚୀ ରହିଛି । ଏହି ରୋଡ୍ ଶୋ'ରେ ବିଭିନ୍ନ କଳାକାରଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସେ କହିଛନ୍ତି । ଶ୍ରୀ ଭାଗାନି କହିଛନ୍ତି, ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ସୋମନାଥ ମନ୍ଦିରରେ କୁମ୍ଭାଭିଶେକ, ଧୋଜପୂଜା ଓ ମହାପୂଜା ସମ୍ପନ୍ନ କରିବେ । ଏହି ପରିପ୍ରେକ୍ଷୀରେ ସଦ୍‌ଭାବନା ପଡ଼ିଆଠାରେ ଆୟୋଜିତ ଏକ ଜନସମାବେଶରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

୧୯୫୧ ମସିହାରେ ସ୍ୱାଧୀନ ଭାରତର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ପୁନଃ ଉଦ୍ଧାରିତ ଏହି ମନ୍ଦିର ଉଦ୍‌ଘାଟନର ୭୫ତମ ବର୍ଷ ପୂର୍ତ୍ତି ପାଳନ କରାଯାଉଛି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ କିଛି ସମୟ ପରେ କୋଲକାତା ନାଇଟ୍ ରାଇଡର୍ସ୍ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବାକୁ ଥିବା ଏହି ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ୍ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଛି ।